# ସୁସମାଚାରପ୍ରଚାରକର କାର୍ଯ୍ୟ ସାଧନ କର

(ପ୍ରଥମ ଭାଗ)

କିନ୍ତୁ ସେ ଉତ୍ତର ଦେଲେ,ଲେଖାଅଛି,ମନୁଷ୍ୟ କେବଳ ରୋଟିରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୂଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ । ( ମାଥିଉ 4:4) ।

# ସୁସମାଚାରପ୍ରଚାରକର କାର୍ଯ୍ୟ ସାଧନ କର

## (ପ୍ରଥମ ଭାଗ)

ପବିତ୍ର ବାଇବଲର ଅନେକ ସ୍ଥାନରେ **ସୁସମାଚାର ପ୍ରଚାରକାର୍ଯ୍ୟ** ଓ ସୁସମାଚାର **ପ୍ରଚାରକ** ବିଷୟରେ ବର୍ଣ୍ଣନା କରାଯାଇଅଛି । **ମଣ୍ଡଳୀର** ଅନେକ ସେବାକାର୍ଯ୍ୟ ରହିଛି, ସେଥିମଧ୍ୟରେ. ସୁସମାଚାର ପ୍ରଚାରର ସେବାକାର୍ଯ୍ୟ ମଧ୍ୟ ଅନ୍ତର୍ଭୂକ୍ତ । ପରମେଶ୍ୱର ସୁସମାଚାର ପ୍ରଚାର କାର୍ଯ୍ୟ **ପାଇଁ** ଅନେକ ସୁସମାଚାରପ୍ରଚାରକଙ୍କୁ ଆହ୍ୱାନ କରି ବ୍ୟବହାର କରିଥିବା ବିଷୟ ବାଇବଲରେ **ଉଲ୍ଲେଖ** ଅଛି । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କର ସୁସମାଚାର ପ୍ରଚାର କରିବା **ହିଁ ସୁସମାଚାର** ପ୍ରଚାରକର ସେବାକାର୍ଯ୍ୟ ଅଟେ ।

ପ୍ରେରିତ 21:8ରେ, କାଇସରିଆର ନିବାସୀ ଫିଲିପ୍ **ପଙ୍କୁ ସୁସମାଚାର ପ୍ରଚାରକ ବୋଲି** କୁହାଯାଇଛି । ପ୍ରେରିତମାନଙ୍କର **ସେବାକାର୍ଯ୍ୟରେ ସାହାର୍ଯ୍ୟକରିବାକୁ ମନୋନୀତ ସାକ୍ଷ୍ୟପ୍ରାପ୍ତ** ସାତ ଜଣଙ୍କ ମଧ୍ୟରୁ ସେ ଜଣେ ଥିଲେ ,**କିନ୍ତୁ ତାଙ୍କର** ସେବାକାର୍ଯ୍ୟ କେବଳ ସୁସମାଚାର ପ୍ରଚାରରେ **ହିଁ** ସିମିତ ନ ଥିଲା, ସଦାପ୍ରଭୂ ପରମେଶ୍ୱର ତାଙ୍କୁ **ଶମିରୋଣର** ପ୍ରଧାନ ନଗରେ ନଗରେ ଓ ଗ୍ରାମରେ ଗ୍ରାମରେ ପୁଣି ଅଷ୍ ଦୋଦର ନଗରେ ନଗରେ ଓ ଗ୍ରାମରେ ଗ୍ରାମରେ ମଧ୍ୟ ବ୍ୟବହାର କରିଥିବାର,ପୁଣି ତାଙ୍କ ଦ୍ୱାରା ଅନେକ **ଆଶ୍ଚର୍ଯ୍ୟ** କାର୍ଯ୍ୟ ସାଧନ କରିଥିବାର, ଅନେକଙ୍କଠାରୁ **ଅଶୁଚି** ଆତ୍ମାଗୁଡ଼ିକୁ ଛଡ଼ାଇଥିବାର, ପୁଣି ଅନେକ ପକ୍ଷାଘାତ ରୋଗୀ ଓ ଖଞ୍ଜ କୁଂ ସୁସ୍ଥ କରିଥିବାର,ତଥା ଅନେକଙ୍କୁ ବାପ୍ତିସ୍ମ ଦେଇ ଆତ୍ମା ଲାଭ କରିଥିବାର ବିଷୟ ,ଆମ୍ଭେମାନେ ପ୍ରେରିତ ଆଠ ପର୍ବରେ ପଢୁଛୁ ।

ଏଫିସୀୟ4:11 ରେ ,ସୁସମାଚାର ପ୍ରଚାରର ସେବାକାର୍ଯ୍ୟ, ମଣ୍ଡଳୀର ଅନ୍ୟ ସେବାକାର୍ଯ୍ୟଗୁଡ଼ିକର ତାଲିକାରେ ଅନ୍ତର୍ଗତ । ଯେପରି ଉକ୍ତ ବାକ୍ୟାଂଶରେ ଆମ୍ଭେମାନେ ପଢୁଛେ,-: (ସେକାହାକାହାକୁ

ପ୍ରେରିତ, କାହାକାହାକୁ ଭାବବାଦୀ,କାହାକାହାକୁ ସୁସମାଚାର ପ୍ରଚାରକ,ପୁଣି କାହାକାହାକୁ ପାଳକ ଓ ଶିକ୍ଷକ ରୂପେ ନିଯୁକ୍ତ କରି ଦାନ କରିଅଛନ୍ତି ,ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠା ପ୍ରାପ୍ତ ହୁଏ । ( ଏଫିସୀୟ4:11-12 ) । ପ୍ରେରିତ ପାଉଲଙ୍କ ଦ୍ୱାରା ଶିକ୍ଷା ପ୍ରାପ୍ତ ଓ ନିଯୁକ୍ତି ପ୍ରାପ୍ତ ହୋଇ ତିମଥୀ ଏଫିସ ନଗରରେ ସେବାକାର୍ଯ୍ୟ କରିବା ପାଇଁ ପ୍ରେରିତ ହେଲେ । 2 ତିମଥି 4 ପର୍ବରେରେ ପ୍ରେରିତ ପାଉଲ ଖ୍ରୀଷ୍ଟଙ୍କଠାରେ ଆପଣା ପ୍ରିୟ ପୁତ୍ର ତିମଥିଙ୍କୁ କେଉଁ ପ୍ରକାରରେ ସୁସମାଚାରର ପ୍ରଚାର କାର୍ଯ୍ୟ ସାଧନ କରିବା ଉଚିତ୍, ସେ ବିଷୟରେ ଶିକ୍ଷା ଦେଉଛନ୍ତି । ସେବା କାର୍ଯ୍ୟ କିପରି ସମ୍ପନ୍ନ କରିବା ଦରକାର, ସେବିଷୟରେ ଶିକ୍ଷା ଓ ଉତ୍ସାହ ପ୍ରଦାନ କରୁଅଛନ୍ତି, ଲେଖାଅଛି ,:-( ବାକ୍ୟ ପ୍ରଚାର କର,ସମୟରେ କି ଅସମୟରେ ସେଥିରେ ଉଦ୍ ଯୋଗୀ ହୁଅ, ପୂର୍ଣ୍ଣ ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କର ,ପୁଣି ଧମକ ଓ ଉତ୍ସାହ ଦାନ କର ।) ( ଦ୍ୱିତୀୟ ତିମଥି ଚାରି ପର୍ବ ଦୁଇ ପଦ ) । ( କିନ୍ତୁ ତୁମ୍ଭେ ସମସ୍ତ ବିଷୟରେ ସଚେତନ ହୁଅ, କ୍ଲେଶ ସହ୍ୟ କର,ସୁସମାଚାର ପ୍ରଚାରର କାର୍ଯ୍ୟ ସାଧନ କର ପୁଣି ତୁମ୍ଭ ସେବାର କାର୍ଯ୍ୟ ସମ୍ପନ୍ନ କର ।ଦ୍ୱିତୀୟ ତିମଥି ଚାରି ପର୍ବ ପାନ୍ଚ ପଦ । ) ।ଉପରୋକ୍ତ ବାକ୍ୟାଂଶରେ ପ୍ରେରିତ ପାଉଲଙ୍କ ଦ୍ୱାରା ପ୍ରଭୂ ପବିତ୍ର ଆତ୍ମା, ପବିତ୍ର ପରମେଶ୍ୱରଙ୍କର ପବିତ୍ର ବାକ୍ୟ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କର ପରମଧନ୍ୟ ଗୌରବମୟ ସୁସମାଚାରର ସେବାକାର୍ଯ୍ୟ ବିଷୟରେ କେବଳ ତିମଥିଙ୍କୁ ନୁହଁ, କିନ୍ତୁ ଆମ୍ଭମାନଙ୍କର ମଧ୍ୟରୁ ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରୁଅଛନ୍ତି । ଆମ୍ଭମାନଙ୍କର ପିତା ପରମେଶ୍ୱର ,ତାହାଙ୍କର ଏକ ମାତ୍ର ଅଦ୍ୱିତୀୟ ପୁତ୍ର ,ଆମ୍ଭମାନଙ୍କର ତ୍ରାଣକର୍ତ୍ତା ଓ ମୁକ୍ତିଦାତା ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପ୍ରଦାନ କରି ଅଛନ୍ତି ପୁଣି ସେହି ଗୌରବମୟ ସୁସମାଚାରର ସେବାକାର୍ଯ୍ୟ ନିମନ୍ତେ ତାହାଙ୍କର ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି । ଅତଏବ ପରମେଶ୍ୱରଙ୍କ ଦ୍ୱାରା ଆହୂତ ହୋଇଥିବା ହେତୁ ଆମ୍ଭେମାନେ ତାହାଙ୍କର ସୁସମାଚାରର ପ୍ରଚାର ସେବାକାର୍ଯ୍ୟ ତାହାଙ୍କ ଇଚ୍ଛା ଅନୁସାରେ ,ପ୍ରାର୍ଥନାର ସହିତ ପବିତ୍ର ଆତ୍ମାଙ୍କ ଅଭିଷେକ ଦ୍ୱାରା ,ସୂଚାରୁ ରୂପେ ସମ୍ପନ୍ନ କରିବା ଆବଶ୍ୟକ ଅଟେ । ସୁସମାଚାରର ପ୍ରଚାର ସେବାକାର୍ଯ୍ୟ ପବିତ୍ର ବାକ୍ୟ ବାଇବଲ ଅନୁସାରେ ଓ ପରମେଶ୍ୱରଙ୍କର ଇଚ୍ଛା ଅନୁସାରେ କରିବାକୁ ହେଲେ, ପବିତ୍ର ଆତ୍ମାଙ୍କ ଚାଳନାରେ ପ୍ରେରିତ ପାଉଲଙ୍କ ଦ୍ୱାରା ଲିଖିତ ପତ୍ର ଗୁଡ଼ିକୁ ପ୍ରାର୍ଥନାର

ସହିତ ଅଧ୍ୟୟନ କରିବା ଦରକାର ଏବଂ ପ୍ରେରିତ ପାଉଲ ଯେପରି ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କୁ ଅନୁକରଣ କଲେ, ଆମ୍ଭେମାନେ ମଧ୍ୟ ସେପରି ତାହାଙ୍କର ଅନୁକରଣ କରିବା ଆବଶ୍ୟକ,ଯେପରି ପ୍ରଥମ କରିନ୍ଥୀୟ ଏଗାର ପର୍ବ ପ୍ରଥମ ପଦରେ ସେ କହନ୍ତି, ଲେଖାଅଛି, :-( ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁକାରୀ, ତୁମ୍ଭେମାନେ ସେହିପରି ମୋହର ଅନୁକାରୀ ହୁଅ ।)1କରନ୍ଥୀୟ 9;16-23 ରେ ଅଧିକ ଲୋକମାନଙ୍କୁ ଲାଭ କରିବା ପାଇଁ ଯୀଶୁଙ୍କୁ ଅନୁକରଣ କରି ସବୁ ପ୍ରକାର ଲୋକମାନଙ୍କ ନିକଟରେ ସବୁପ୍ରକାର ହେଲି ବୋଲି ସେ କହୁଅଛନ୍ତି । ପାଉଲଙ୍କର ପତ୍ର ଗୁଡ଼ିକୁ ସୁସମାଚାର ପ୍ରଚାର ସେବାକାର୍ଯ୍ୟର ଆଦର୍ଶ ରୂପେ ପବିତ୍ର ବାଇବଲରେ ନିହିତ ଅଛି । 2 କରନ୍ଥୀୟ 6 ପର୍ବର ପ୍ରଥମ ପଦରେ ସେ ନିଜକୁ ସୁସମାଚାର ପ୍ରଚାର ସେବାକାର୍ଯ୍ୟରେ ଈଶ୍ୱରଙ୍କର ସହକର୍ମି ବୋଲି କହୁଅଛନ୍ତି,3 ପଦରେ ସେ କହନ୍ତି,( ଯେପରି ଆମ୍ଭମାନଙ୍କର ସେବକ ପଦ ନିନ୍ଦିତ ନ ହୁଏ,ସେଥିପାଇଁ ଆମ୍ଭେମାନେ କୌଣସି ବିଷୟରେ ବାଧା ନ ଦେଉ । ) । ପୁଣି ଦଶ ପଦର ଶେଷ ଭାଗରେ ସେ କହନ୍ତି, ( ........ଏହି ସମସ୍ତ ବିଷୟରେ ଆମ୍ଭେମାନେ ଈଶ୍ୱରଙ୍କ ସେବକ ସଦୃଶ ଆପଣା ଆପଣାକୁ ଯୋଗ୍ୟ ବୋଲି ପ୍ରକାଶ କରୁଅଛୁ । ) । ଦୟାକରି, ଅଧିକ ଜାଣିବା ପାଇଁ ଦ୍ୱିତୀୟ କରନ୍ଥୀୟ ଛଅ ପର୍ବ ବ୍ୟକ୍ତିଗତ ଭାବରେ ପ୍ରାର୍ଥନାର ସହିତ ଅଧ୍ୟୟନ କରନ୍ତୁ ।

2 କରିନ୍ଥୀୟ5:11 ରେ ପ୍ରେରିତ ପାଉଲ କହନ୍ତି, ( ଅତଏବ ପ୍ରଭୁ ବିଷୟକ ଭୟ ଜ୍ଞାତ ହେବାରୁ ଆମ୍ଭେମାନେ ମନୁଷ୍ୟମାନଙ୍କୁ ମଣାଉଅଛୁ.....। ) ପୁଣି 2କରନ୍ଥୀୟ 5:14-15 ରେ ସେ କହନ୍ତି, ( କାରଣ ଖ୍ରୀଷ୍ଟଙ୍କ ପ୍ରେମ ଆମ୍ଭମାନଙ୍କୁ ବଶରେ ରଖି ଚଳାଉଅଛି,ଯେଣୁ ଆମ୍ଭେମାନେ ଏହି ବିଚାର କରିଅଛୁ ଯେ ଜଣେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କରିଥିବାରୁ ସମସ୍ତେ ମୃତ ହେଲେ, ଆଉ ସେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ଯେପରି ଯେଉଁମାନେ ଜୀବିତ ,ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି ବରଂ ଯେ ସେମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍ ଥିତ ହେଲେ, ତାହାଙ୍କ ନିମନ୍ତେ ଜୀବନ ଯାପନ କରିବା ଉଚିତ୍ ।ଉପରୋକ୍ତ ବାକ୍ୟାଂଶରୁ ପରମ ଧନ୍ୟ ପରମେଶ୍ୱରଙ୍କର ଅନନ୍ତ ପ୍ରେମ ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଗୌରବମୟ ସୁସମାଚାର ଦ୍ୱାରା ପ୍ରକାଶ ପାଉଛି, ଅବଂ ସେ ଆପଣା ଏକମାତ୍ର ପୁତ୍ର ଆମ୍ଭମାନଙ୍କ



ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଦ୍ୱାରା ସମଗ୍ର ଜଗତର ଲୋକମାନଙ୍କୁ ପାପ ଓ ମୃତ୍ୟୁରୁ ମୁକ୍ତି ଓ ପରିତ୍ରାଣ ପ୍ରଦାନ କରନ୍ତି । ଯେପରି ପ୍ରେରିତ ପାଉଲ କହନ୍ତି ,ଲେଖାଅଛି:- ( କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, କାରଣ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ) । ରୋମୀୟ 1: 16 ) ।ଆମ୍ଭମାନଙ୍କର ଶତ୍ରୁ, ଜଗତ୍ ପତି ଶୟତାନ ସଦାସର୍ବଦା ସୁସମାଚାରର ପ୍ରତିରୋଧ କରେ ,କାରଣ ଲେଖାଅଛି;:-( ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କର ଗୌରବମୟ ସୁସମାଚାରର ଆଲୋକ ଅବିଶ୍ୱାସୀମାନଙ୍କ ପ୍ରତି ପ୍ରକାଶିତ ନ ହୁଏ, ଏଥିନିମନ୍ତେ ଏହି ଜଗତ୍ ପତି ସେମାନଙ୍କର ଜ୍ଞାନ ଚକ୍ଷୁ ଅନ୍ଧ କରିଅଛି ।) (ଦ୍ୱିତୀୟ କରିନ୍ଥୀୟ ଚାରି ପର୍ବ ଚାରି ପଦ ) । ଆମ୍ଭମାନଙ୍କର ଆତ୍ମିକ ଜୀବନରେ ଓ ସୁସମାଚାରର ସେବାକାର୍ଯ୍ୟରେ ଆମ୍ଭମାନେ ସର୍ବଦା ଶୟତାନ ସହିତ ଯୁଦ୍ଧ କରୁଅଛୁ । ଯେପରି ଲେଖାଅଛି,( କାରଣ ଆମ୍ଭମାନଙ୍କର ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ , କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ପୁଣି ଆକାଶ ମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ । ( ଏଫିସୀୟ ଛଅ ପର୍ବ ବାର ପଦ ) । ଅତଏବ ପ୍ରେରିତ ପାଉଲ କହନ୍ତି, ଲେଖାଅଛି , ( .ଯେଣୁ ଆମ୍ଭମାନଙ୍କର ଯୁଦ୍ଧର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ୍ କରିବା ନିମନ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ । ଆମ୍ଭେମାନେ ତର୍କବିତର୍କସବୁ ଓ ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍ ଥିତ ସମସ୍ତ ଉଚ୍ଚ ବିଷୟ ଭୂମିସାତ୍ କରୁ ପୁଣି ପ୍ରତ୍ୟେକ କଳ୍ପନାକୁ ଖ୍ରୀଷ୍ଟଙ୍କ ବାଧ୍ୟ ହେବା ନିମନ୍ତେ ବନ୍ଦୀ କରୁ । ) ।( 2 କରନ୍ଥୀୟ 10:4-5 ) । ସୁସମାଚାର ପ୍ରଚାର ସେବାକାର୍ଯ୍ୟରେ ପ୍ରତିଦିନର ଜୀବନରେ ଅନେକ ବାଧାବିଘ୍ନ ଓ ପ୍ରତିବାଧାର ସମ୍ମୁଖିନ ହେବାକୁ ପଡ଼େ, ତଥାପି ପ୍ରାର୍ଥନାରେ ପବିତ୍ର ଆତ୍ମାଙ୍କ ଠାରୁ ଶକ୍ତି ପ୍ରାପ୍ତ ହୋଇ ସେ ସମସ୍ତ ବାଧାବିଘ୍ନ ଉପରେ ବିଜୟ ଲାଭ କରି ସୁସମାଚାର ପ୍ରଚାର ସେବାକାର୍ଯ୍ୟରେ ଆଗକୁ ବଢ଼ିବା ନିତାନ୍ତ ଆବଶ୍ୟକ । ଆମ୍ଭେମାନେ କିପରି ସୁସମାଚାର ପ୍ରଚାର କରିବା ଆବଶ୍ୟକ ବୋଲି ପ୍ରେରିତ ପାଉଲଙ୍କ ଦ୍ୱାରା ପବିତ୍ର ଆତ୍ମା ତାଙ୍କର ପତ୍ର ଗୁଡ଼ିକରେ ବର୍ଣ୍ଣନା କରି ଲେଖିଅଛନ୍ତି । ଆମ୍ଭେମାନେ ଆପଣା ବୁଦ୍ଧି ଓ ଜ୍ଞାନରେ ସୁସମାଚାର ପ୍ରଚାର ନ କରି ,ପବିତ୍ର ଆତ୍ମାଙ୍କ ସାହାର୍ଯ୍ୟରେ ଓ ଚାଳନାରେ ପ୍ରଚାର କରିବା ଦରକାର ।ଯେପରି

ପ୍ରେରିତ 13 ପର୍ବରେ ପ୍ରେରିତ ପାଉଲ ଓ ବର୍ଣ୍ଣବ୍ ବା ପବିତ୍ର ଆତ୍ମାଙ୍କ ଦ୍ୱାରା ସେବାକାର୍ଯ୍ୟ ପାଇଁ ଆହ୍ୱାନ  ବିଷୟ ଆମ୍ଭେମାନେ ପଢୁଅଛୁ । ପ୍ରେରିତ 13 ପର୍ବର 14ଓ 15 ପଦରେ ,ଲେଖାଅଛି,( ସେମାନେ ପର୍ଗୀଠାରୁ ଯାତ୍ରା କରି ପିସିଦିଆର ଆନ୍ତିୟଖିଆରେ ପହନ୍ଚିଲେ ଆଉ ବିଶ୍ରାମ ବାରରେ ସମାଜଗୃହକୁ ଯାଇ ବସିଲେ । ପୁଣି ବ୍ୟବସ୍ଥା ଓ ଭାବବାଦୀ ଶାସ୍ତ୍ରପାଠ ପରେ ସମାଜଗୃହର ଅଧ୍ୟକ୍ଷମାନେ ସେମାନଙ୍କ ନିକଟକୁ ଏହା କହି ପଠାଇଲେ ,ଭାଇମାନେ , ଲୋକମାନଙ୍କ ନିମନ୍ତେ ଯଦି ଆପଣମାନଙ୍କର କୌଣସି ଉପଦେଶର କଥା ଅଛି, ତେବେ କହନ୍ତୁ ) । 16 ପଦରେ ପଢୁଛେ, ପାଉଲ ଠିଆ ହୋଇ  ହସ୍ତରେ ସଂକେତ କରି ,ଯୀଶୁଙ୍କ ବିଷୟରେ ଉପଦେଶ କରିବା ଆରମ୍ଭ କଲେ ।43 ରେ, ଲେଖାଅଛି, ( ସଭା ସାଂଗ ହେଲା ଉତ୍ତାରେ ଯିହୂଦୀ ଓ ଯିହୂଦୀମତାବଲମ୍ବୀ ବିଜାତୀୟମାନଙ୍କ ମଧ୍ୟରୁ ଅନେକେ ପାଉଲ ଓ ବର୍ଣ୍ଣବାଙ୍କ ପଛେ ପଛେ ଗଲେ, ସେମାନେ ସେମାନଙ୍କ ସହିତ କଥାବାର୍ତ୍ତା କରି ଈଶ୍ୱରଙ୍କ ଅନୁଗ୍ରହରେ ସ୍ଥିର ହୋଇ ରହିବାକୁ ସେମାନଙ୍କୁ ପ୍ରବର୍ତ୍ତାଇଲେ ।)(44-46) ପଦରେ ପଢୁଛେ,( ପୁଣି ପରବର୍ତ୍ତୀ ବିଶ୍ରାମବାରରେ ପ୍ରାୟ ସମସ୍ତ ନଗରବାସୀ ଈଶ୍ୱରଙ୍କ ବାକ୍ୟ ଶୁଣିବା ନିମନ୍ତେ ଏକତ୍ରିତ ହେଲେ,କିନ୍ତୁ ଯିହୂଦୀମାନେ ଲୋକସମୂହକୁ ଦେଖି ଈର୍ଷାରେ ପୂର୍ଣ୍ଣ ହେଲେ, ପୁଣି ନିନ୍ଦା କରୁ କରୁ ପାଉଲଙ୍କ କଥାର ପ୍ରତିବାଦ କରିବାକୁ ଲାଗିଲେ । ସେଥିରେ ପାଉଲ ଓ ବର୍ଣ୍ଣବ୍ ବା ସାହାସପୂର୍ବକ କହିଲେ, ପ୍ରଥମରେ ଆପଣମାନଙ୍କ ନିକଟରେ ଈଶ୍ୱରଙ୍କ ବୀକ୍ୟ କୁହାଯିବା ଆବଶ୍ୟକ ଥିଲା,ଆପଣମାନେ ତାହା ଅଗ୍ରାହ୍ୟ କରି ଆପଣା  ଆପଣାକୁ ଅନନ୍ତ ଜୀବନର ଅଯୋଗ୍ୟ ବୋଲି ବିଚାର କରିଥିବାରୁ,ଦେଖନ୍ତୁ .ଆମ୍ଭେମାନେ ବିଜାତିମାନଙ୍କ ନିକଟକୁ ଯାଉଅଛୁ ।) । ପୁଣି ଶୀଲାଙ୍କ ସହିତ ଯାତ୍ରା କରି ପ୍ରେରିତ ପାଉଲ   ଥେସଲନୀକୀ ନଗରରେ ପବିତ୍ର ଆତ୍ମାଙ୍କ ଶକ୍ତି ଓ ଅଭିଷେକରେ ପୂର୍ଣ୍ଣ ହୋଇ , ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଯେ ଖ୍ରୀଷ୍ଟ,ଏହି କଥା, ସୁଦୃଢ଼ ଭାବରେ ପ୍ରଚାର କରିବାର ବିଷୟ ଆମ୍ଭେମାନେ ପ୍ରେରିତ 17 ପର୍ବରେ ସ୍ପଷ୍ଟ ଭାବରେ ପଢ଼ି ପାରିବା  । ଆସନ୍ତୁ ବର୍ତ୍ତମାନ( ପ୍ରେରିତ 17:1-4)ପଢ଼ିବା, ଉଲ୍ଲେଖ ଅଛି,(ପରେ ସେମାନେ ଆଂଫିପଲି ଓ ଆପଲ୍ଲୋନିଆ ଦେଇ ଯାତ୍ରାକରି ଥେସଲନୀକୀକୁ ଆସିଲେ, ସେଠାରେ ଯିହୁଦୀମାନଙ୍କର ଗୋଟିଏ ସମାଜଗୃହ ଥିଲା  । ଆଉ ପାଉଲ ଆପଣା ରୀତି ଅନୁସାରେ ସେମାନଙ୍କ



ନିକଟକୁ ଗଲେ,ପୁଣି ତିନି ବିଶ୍ରାମବାର ପର୍ଯ୍ୟନ୍ତ ଶାସ୍ତ୍ରର ବାକ୍ୟ ଘେନି ସେମାନଙ୍କୁ ଉପଦେଶ ଦେଲେ ,ପୁଣି ଖ୍ରୀଷ୍ଟଙ୍କର ଯେ ମୃତ୍ୟୁଭୋଗ ଓ ମୃତମାନଙ୍କ ମଧ୍ୟରୁ ପୁନରୁଥାନ କରିବା ଆବଶ୍ୟକ ଥିଲା ,ଆଉ ସେ ଯେଉଁ ଯୀଶୁଙ୍କୁ ସେମାନଙ୍କ ନିକଟରେ ଘୋଷଣା କରୁଅଛନ୍ତି, ସେ ଯେ ଖ୍ରୀଷ୍ଟ ,ଏହା ସ୍ପଷ୍ଟ ପ୍ରମାଣ ଦେଲେ । ) ପୁଣି (ପ୍ରେରିତ 17:15-34)ରେ ଆମ୍ଭେମାନେ ଆଥାନୀ ନଗରରେ ପାଉଲଙ୍କର ସେବାକାର୍ଯ୍ୟ ବିଷୟରେ ପଢୁଛେ  । ଆସନ୍ତୁ ବର୍ତ୍ତମାନ( ପ୍ରେରିତ 17:15-17 )ପଢ଼ିବା ,ଲେଖାଅଛି, ( କିନ୍ତୁ ଯେଉଁମାନେ ପାଉଲଙ୍କୁ ସାଂଗରେ ଘେନିଗଲେ, ସେମାନେ ତାଙ୍କୁ ଆଥାନୀ ପର୍ଯ୍ୟନ୍ତ ଆଣିଲେ ,ଆଉ ଶୀଲା ଓ ତିମଥି  ଯେପରି ଅତି ଶିଘ୍ର ତାଙ୍କ ନିକଟକୁ ଆସନ୍ତି, ଏହି ଆଜ୍ଞା ପାଇ ସେମାନେ ପ୍ରସ୍ଥାନ କଲେ । ଆଥାନୀରେ ପାଉଲ ସେମାନଙ୍କର ଅପେକ୍ଷାରେ ଥିବା ସମୟରେ ସେହି ନଗରକୁ ପ୍ରତିମାରେ ପରିପୂର୍ଣ୍ଣ ଦେଖି ତାଙ୍କ ଆତ୍ମା ଉତ୍ତପ୍ତ ହୋଇ ଉଠିଲା , ତେଣୁ ସେ ସମାଜଗୃହରେ ଯିହୂଦୀ ଓ ଯିହୂଦୀମତାବଲମ୍ବୀ ବିଜାତୀୟମାନଙ୍କ ସହିତ , ଆଉ ବଜାରଛକରେ ପ୍ରତିଦିନ ଯେଉଁମାନଙ୍କ ସଂଗରେ ଦେଖା ହେଉଥିଲା, ସେମାନଙ୍କୁ ଉପଦେଶ ଦେଉଥିଲେ ।) ପ୍ରେରିତ 18 ପର୍ବରେ କରିନ୍ଥ ନଗରରେ,  ପୁଣି  ପ୍ରେରିତ 19 ପର୍ବରେ ଏଫିସ ନଗରରେ ସୁସମାଚାର ପ୍ରଚାର ଓ ସମାଜଗୃହମାନଙ୍କରେ ଯୀଶୁ ଖ୍ରୀଷ୍ଟ ଯେ ପରିତ୍ରାଣ କର୍ତ୍ତା, ବୋଲି ପାଉଲ ଉପଦେଶ ଦେବା ବିଷୟରେ ଆମ୍ଭମାନେ ପଢ଼ିପାରିବା । ପ୍ରେରିତ( 19:8-12)ରେ ଲେଖାଅଛି, (ପରେ ସେ ସମାଜଗୃହରେ ପ୍ରବେଶ କରି ତିନି ମାସ ପର୍ଯ୍ୟନ୍ତ ସାହସ ସହିତ ଈଶ୍ୱରଙ୍କ ବାକ୍ୟ ବିଷୟରେ ଉପଦେଶ ଦେଇ ସେମାନଙ୍କର ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିବାକୁ ଲଗିଲେ । କିନ୍ତୁ ଯେତେବେଳେ କେତେକଲୋକ  କଠିନ ଓ ଅବାଧ ହୋଇ ଲୋକସମୂହ ସାକ୍ଷାତରେ ସେହି ମାର୍ଗ ବିଷୟରେ ନିନ୍ଦା କରିବାକୁ ଲାଗିଲେ,ସେତେବେଳେ ସେ ସେମାନଙ୍କୁ ପରିତ୍ୟାଗ କରି ଶିଷ୍ୟମାନଙ୍କୁ ପୃଥକ୍ କଲେ ଆଉ ପ୍ରତିଦିନ ତୁରାନ୍ନର ବିଦ୍ୟାଳୟରେ ଉପଦେଶ ଦେବାକୁ ଲାଗିଲେ । ଏହି ପରି ଦୁଇ ବର୍ଷ ପର୍ଯ୍ୟନ୍ତ ଲାଗିଲା, ସେଥିରେ ଆସିଆନିବାସୀ ଯିହୂଦୀ ଓ ଗ୍ରୀକ୍ ସମସ୍ତେ ପ୍ରଭୁଙ୍କର ବାକ୍ୟ ଶ୍ରବଣ କଲେ, ପୁଣି ଈଶ୍ୱର ପାଉଲଙ୍କ ହସ୍ତ ଦ୍ୱାରା ଅସାମାନ୍ୟ ଶକ୍ତିର କାର୍ଯ୍ୟ ସାଧନ କରୁଥିଲେ ।ଏପରି କି ତାଙ୍କ ଦେହରୁ ରୁମାଲ କିମ୍ବା ଗାମୁଛା ରୋଗୀମାନଙ୍କ ନିକଟକୁ ଅଣା

ଯାଆନ୍ତେ,ସେମାନଂଠାରୁ ରୋଗ ଛାଡ଼ିଯାଉଥିଲା ଓ ଦୁଷ୍ଟଆତ୍ମାଗୁଡ଼ାକ ବାହାରିଯାଉଥିଲେ । ) । ପ୍ରେରିତ ପାଉଲଙ୍କ ଜୀବନରେ ଓ ତାହାଙ୍କ ସୁସମାଚାର ପ୍ରଚାର ସେବାକାର୍ଯ୍ୟରେ ଆମ୍ଭେମାନେ ପବିତ୍ର ଆତ୍ମାଙ୍କର ପରିଚାଳନା ବିଷୟରେ ପବିତ୍ର ବାଇବଲରେ ତାହାଙ୍କ ଦ୍ୱାରା ଲିଖିତ ପତ୍ର ଗୁଡ଼ିକରେ ସ୍ୱଷ୍ଟ ଭାବରେ ଅଧ୍ୟୟନ କରି ପାରିବା । ଆମ୍ଭମାନଙ୍କର ଜୀବନ ଯାପନ ଓ ସେବାକାର୍ଯ୍ୟ ମଧ୍ୟ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ଦରକାର । ଆମ୍ଭମାନଙ୍କ ହୃଦୟର ଚିନ୍ତା, ମୁଖର ବାର୍ତ୍ତା ଓ ହସ୍ତର କାର୍ଯ୍ୟ ସବୁ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ ,ପୁଣି ଆମ୍ଭମାନଙ୍କର ସେବାକାର୍ଯ୍ୟରେ ପବିତ୍ର ଆତ୍ମାଙ୍କ ତାଙ୍କର ଅଭିଶେକରେ ଓ ବରଦାନରେ ଆମ୍ଭମାନଙ୍କୁ ପୂର୍ଣ୍ଣ କରି, ତାଙ୍କ ଇଚ୍ଛା ଅନୁସାରେ ଆମ୍ଭମାନଙ୍କୁ ବ୍ୟବହାର କରିବା ଆବଶ୍ୟକ । ଦ୍ୱିତୀୟ ତୀମଥି ଚାରି ପର୍ବ ଦୁଇ ପଦରେ ଲେଖାଅଛି, ( ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ ସେଥିରେ ଉଦ୍ ଯୋଗୀ ହୁଅ, ପୁଣି ସହିଷ୍ଣୁତା ସହ ଶିକ୍ଷା ଦେଇ, ଅନୁଯୋଗ କର, ପୁଣି ଧମକ ଓ ଉତ୍ସାହ ପ୍ରଦାନ କର । ) ପୁଣି 5 ଦପରେ ଲେଖାଅଛି, ( କିନ୍ତୁ ତୁମ୍ଭେ ସମସ୍ତ ବିଷୟରେ ସଚେତନ ହୁଅ, କ୍ଳେଶ ସହ୍ୟ କର, ସୁସମାଚାରର ପ୍ରଚାରକର କାର୍ଯ୍ୟ ସାଧନ କର,ତୁମ୍ଭ ସେବାର କାର୍ଯ୍ୟ ସମ୍ପନ୍ନ କର । ) ଉପରୋକ୍ତ ବାକ୍ୟାଂଶରୁ ଆମ୍ଭେମାନେ ବୁଝିପାରୁଛେ, ସବୁ ସମୟରେ ଓ ସମସ୍ତଙ୍କ ପ୍ରକାର ଲୋକମାନଙ୍କ ନିକଟରେ ସେବାକାର୍ଯ୍ୟ କରିବା ପାଇଁ,ଆପଣା ସଦାପ୍ରଭୁ ପରମେଶ୍ୱର ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି । ( ପୁଣି ସେ ଆମ୍ଭମାନଙ୍କୁ ଗୋଟିଏ ରାଜକୂଳ କରି ଆପଣା ଈଶ୍ୱର ଓ ପିତାଙ୍କ ନିକଟରେ ଯାଜକରୂପେ ନିଯୁକ୍ତ କରିଅଛନ୍ତି,ତାହାଙ୍କ ଗୌରବ ଓ ପରାକ୍ରମ ଯୁଗେ ଯୁଗେ ହେଉ, ଆମେନ । ) ( ପ୍ରକାଶିତ ବାକ୍ୟ 1:6,5:10 ) । ଆମ୍ଭମାନଙ୍କର ଆହ୍ୱାନକାରୀ ସଦାପ୍ରଭୁ ପରମେଶ୍ୱର ଆପଣା ଇଚ୍ଛା ଅନୁସାରେ ଆମ୍ଭମାନଙ୍କୁ ବ୍ୟବହାର କରିବା ନିମନ୍ତେ ଆମ୍ଭେମାନେ ତାହାଙ୍କ ନିକଟରେ ପ୍ରାର୍ଥନା ନିବେଦନ କରିବା ଦରକାର । ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ,ପ୍ରାର୍ଥନା ଶ୍ରବଣକାରୀ ପରମେଶ୍ୱର ଅଟନ୍ତି । କିନ୍ତୁ ବିନା ସନ୍ଦେହରେ ଓ ବିଶ୍ୱାସର ସହିତ ପ୍ରାର୍ଥନା କରିବା ନିମନ୍ତେ ଆମ୍ଭମାନଙ୍କର ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟ କହିଅଛନ୍ତି, (ମାର୍କ 11:23-24)ରେ ଲେଖାଅଛି, ( ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେ କେହି ଏହି ପର୍ବତକୁ ତୁ ଉଠି ସମୁଦ୍ରରେ ଯାଇ ପଡ଼ ବୋଲି କହିବ,



ଆଉ ଆପଣା ହୃଦୟରେ ସନ୍ଦେହ ନ କରି ,ଯାହା କହୁଅଛି ତାହା ଘଟିବ ବୋଲି ବିଶ୍ୱାସ କରିବ ତା ନିମନ୍ତେ ତାହା ଘଟିବ , ଅତଏବ, ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ଯାହା ଯାହା ପ୍ରାର୍ଥନା କର ଓ ମାଗ ସେସବୁ ପାଇଅଛ ବୋଲି ବିଶ୍ୱାସ କର, ସେଥିରେ ସେସବୁ ପାଇବ । ) ଈଶ୍ୱରଙ୍କର ନିକଟରେ କୌଣସି ବିଷୟ ଅସମ୍ଭବ ନୁହେଁ। ଆଉ ବିଶ୍ୱାସୀ ପକ୍ଷରେ ମଧ୍ୟ ସମସ୍ତ ସମ୍ଭବ । ( ମାର୍କ 9:23 ) । କିନ୍ତୁ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ପ୍ରଭିଯୀଶୁଙ୍କ ସଦୃଶ ଆମ୍ଭେମାନେ ସଦାସର୍ବଦା ପିତାଙ୍କ ଇଚ୍ଛା ପୂରା କରିବା ପାଇଁ ଜୀବନ ଓ ସେବାକାର୍ଯ୍ୟ ତାହାଙ୍କ ହାତରେ ଅର୍ପଣ କରିବା ଦରକାର ,କାରଣ (ଯାକୁବ 4:13-14 )ଲେଖାଅଛି, ( ଏବେ ଦେଖ,ଯେଉଁମାନେ କହୁଅଛ,ଆଜି କିମ୍ବା କାଲି ଆମ୍ଭେମାନେ ଅମୁକ ସହରକୁ ଯିବୁ ଓ ସେଠାରେ ଏକ ବର୍ଷ ପର୍ଯ୍ୟନ୍ତ ରହି ବାଣିଜ୍ୟବ୍ୟବସାୟ କରି ଲାଭ କରିବୁ । କିନ୍ତୁ କାଲି କଅଣ ଘଟିବ ତାହା ତ ତୁମ୍ଭେମାନେ ଜାଣ ନାହିଁ,ତୁମ୍ଭମାନଙ୍କ ଜୀବନ କଅଣ ? କ୍ଷଣରେ ଦୃଶ୍ୟ ହୋଇ ଅଦୃଶ୍ୟ ହୁଏ ଯେଉଁ ବାଷ୍ପ, ତୁମ୍ଭେମାନେ ତ ତାହା ସଦୃଶ । ଏଣୁ ପ୍ରଭୁଙ୍କ ଇଚ୍ଛା ହେଲେ, ଆମ୍ଭେମାନେ ଜୀବିତ ଥାଇ ଏହା କରିବା ବା ତାହା କରିବା ,ଏପରି କହିବା ତୁମ୍ଭମାନଙ୍କର ଉଚିତ୍ । ପରମେଶ୍ୱରଙ୍କର ମହାନାମର ଧନ୍ୟବାଦ ହେଉ । ଆମେନ୍ ।

0000

# ସୁସମାଚାର ପ୍ରଚାରକର କାର୍ଯ୍ୟ ସାଧନ କର

# (ଦ୍ୱିତୀୟ ଭାଗ)

**ଯିଶାଇୟ 42:1-3**ରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୂ ଯୀଶୁଖ୍ରୀଷ୍ଟ, ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁଙ୍କର ଅନନ୍ତ କାଳୀନ ରାଜତ୍ୱ ବିଷୟର ଭାବବାଣୀ ଲେଖାଅଛି, ( ସଦାପ୍ରଭୁ ପରମେଶ୍ୱର କହନ୍ତି, ଯାହାଙ୍କୁ ଆମ୍ଭେ ଧାରଣ କରୁ,ଏପରି ଆମ୍ଭ ଦାସଙ୍କୁ ,ଯାହାଙ୍କ ଠାରେ ଆମ୍ଭର ଚିତ୍ତ ସନ୍ତୁଷ୍ଟ,ଏପରି ଆମ୍ଭର ମନୋନୀତ ଲୋକଙ୍କୁ ଦେଖ,ଆମ୍ଭେ ତାହାଙ୍କ ଉପରେ ଆପଣା ଆତ୍ମା ସ୍ଥାପନ କରିଅଛୁ,ସେ ଅନ୍ୟ ଦେଶୀୟମାନଙ୍କ ମଧ୍ୟକୁ ନ୍ୟାୟ ବିଚାର ଆଣିବେ । ସେ ଚିତ୍କାର କରି ଉଚ୍ଚ ଶବ୍ଦ କରିବେ ନାହିଁ,କିଅବା ରାଜପଥରେ ଆପଣା ରବ ଶୁଣାଇବେ ନାହିଁ । ସେ ଛେଚା ନଳ ଭାଂଗିବେ ନାହିଁ, ଓ ସଧୂମ ବଳିତା ନିଭାଇବେ ନାହିଁ,ସେ ସତ୍ୟତାରେ ନ୍ୟାୟ ବିଚାର ଆଣିବେ । ପୃଥୀବୀରେ ନ୍ୟାୟ ବିଚାର ସ୍ଥାପନ ନ କରିବା ପର୍ଯ୍ୟନ୍ତ ନିସ୍ତେଜ ଓ ହୀନସାହସ ନୋହିବେ,ଆଉ ଦ୍ୱୀପଗଣ ତାହାଙ୍କ ବ୍ୟବସ୍ଥାର ଅପେକ୍ଷାରେ ରହିବେ । ପ୍ରୀୟ ପାଠକବନ୍ଧୁ, ଆମ୍ଭେମାନେ ଶେଷ କାଳରେ ଜୀବନ ଯାପନ କରୁଅଛୁ, ବାକ୍ୟ ଅନୁସାରେ ଜୀବନ ଯାପନ କରିବା ଓ ମନୁଷ୍ୟ ସମାଜର ସମସ୍ତଙ୍କୁ ଯୀଶୁଖ୍ରୀଷ୍ଟଙ୍କ ପରିତ୍ରାଣର ସୁସମାଚାର ଶୁଣାଇ, ଦ୍ୱୀତିୟ ଆଗମନ ନିମନ୍ତେ ଓ ସ୍ୱର୍ଗରାଜ୍ୟ ନିମନ୍ତେ ପ୍ରସ୍ତୁତ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ଖ୍ରୀଷ୍ଟୀୟ ଜୀବନରେ ଓ ସେବାକାର୍ଯ୍ୟରେ ଆମ୍ଭେମାନେ ଆପଣା ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ଅନୁଗମନ କରିବା ଆବଶ୍ୟକ ।ଯୀଶୁଖ୍ରୀଷ୍ଟ ଜଗତରେ ମନୁଷ୍ୟ ରୂପରେ ଥିବା ବେଳେ ସେ ସୁଚାର ଭାବରେ ଆପଣା ସେବାକାର୍ଯ୍ୟ ପୂର୍ଣ୍ଣ କଲେ, ସେ ଆପଣା ସେବାକାର୍ଯ୍ୟ ବିଷୟରେ ସାକ୍ଷ୍ୟ ଦେଇ କହନ୍ତି, ଲେଖାଅଛି,(ପ୍ରଭୁ, ସଦାପ୍ରଭୁଙ୍କର ଆତ୍ମା ମୋଠାରେ ଅଧିଷ୍ଠାନ କରନ୍ତି, କାରଣ ନମ୍ର ଲୋକଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ସଦାପ୍ରଭୁ ମୋତେ ଅଭିଷିକ୍ତ କରିଅଛନ୍ତି,



ସେ ଭଗ୍ନାନ୍ତଃକରଣ ଲୋକମାନଙ୍କର କ୍ଷତ ବାନ୍ଧିବାକୁ, ବନ୍ଦିମାନଙ୍କ ପ୍ରତି ମୁକ୍ତି ଓ କାରାବଦ୍ଧ ଲୋକମାନଙ୍କ ପ୍ରତି କାରା-ମୁକ୍ତ ହେବାର କଥା ପ୍ରଚାର କରିବାକୁ ,ସଦାପ୍ରଭୁଙ୍କର ଗ୍ରାହ୍ୟ ବର୍ଷ ଓ ଆମ୍ଭମାନଙ୍କର ପରମେଶ୍ୱରଙ୍କର ପ୍ରତିଶୋଧର ଦିନ ଘୋଷଣା କରିବାକୁ ଶୋକାର୍ତ୍ତସମସ୍ତଙ୍କୁ ସାନ୍ତ୍ୱନା କରିବାକୁ, ସିୟନର ଶୋକାର୍ତ୍ତଲୋକମାନଙ୍କ ପାଇଁ ନିରୂପଣ କରିବାକୁ, ଅର୍ଥାତ୍ ଭସ୍ମର ପରିବର୍ତ୍ତେ ଭୂଷଣ, ଦୁଃଖର ପରିବର୍ତ୍ତେ ସୁଖରୂପ ତୈଳ , ଅବସନ୍ନ ଆତ୍ମାର ପରିବର୍ତ୍ତେ ପ୍ରଶଂସା ରୂପ ବସ୍ତ୍ର ପ୍ରଦାନ କରିବାକୁ ସେ ମୋତେ ପ୍ରେରଣ କରି ଅଛନ୍ତି । ( ଯିଶାଇୟ ଏକଷଠି ପର୍ବ ଏକ ପଦରୁ ତିନି ପଦ ପର୍ଯ୍ୟନ୍ତ ।) ଯୋହନ କାରାରୁଦ୍ଧ ହେଲାପରେ ଯୀଶୁ ଗାଲିଲୀକୁ ଆସି ଈଶ୍ୱରଙ୍କ ସୁସମାଚାର ଘୋଷଣା କରି କହିବାକୁ ଲାଗିଲେ, କାଳ ସଂପୂର୍ଣ୍ଣ ହେଲାଣି ,ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ, ମନ ପରିବର୍ତ୍ତନ କର ଓ ସୁସମାଚାରରେ ବିଶ୍ୱାସ କର ।( ମାର୍କ ଏକ ପର୍ବ ଚଉଦ ଓ ପନ୍ଦର ପଦ ) । ପୁଣି ତାହାଙ୍କ ସେବାକାର୍ଯ୍ୟ କରିବା ପାଇଁ ଆମ୍ଭମାନଙ୍କୁ ଆହ୍ୱାନ କରି ତାହାଙ୍କର ଅନୁଗମନ କରିବାକୁ କହନ୍ତି, ଲେଖାଅଛି, ( ଯୀଶୁ ସେମାନଙ୍କୁ କହିଲେ, ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି । ) ( ମାର୍କ ଏକ ପର୍ବ ସତର ପଦ ) । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଜଗତରେ ମନୁଷ୍ୟ ରୂପ ଜୀବନର, ନମ୍ରତା, ମୃଦୁତା ଓ ଆପଣା ପ୍ରେରଣକର୍ତ୍ତା ପିତାଙ୍କ ପ୍ରତି ଆଜ୍ଞାବହତା ବିଷୟରେ ଫିଲିପ୍ ପୀୟ 2:1-11ରେ ଆମ୍ଭେମାନେ ପଢୁଅଛୁ, ଲେଖାଅଛି, ( ଅତଏବ ,ଯଦି ଖ୍ରୀଷ୍ଟଙ୍କ ସହଭାଗିତାରେ କୌଣସି ଉତ୍ସାହ, କୌଣସି ପ୍ରେମପୂର୍ଣ୍ଣ ସାନ୍ତ୍ୱନା , ଆତ୍ମାଙ୍କ କୌଣସି ସହଭାଗିତା ପୁଣି କୌଣସି ସ୍ନେହପୂର୍ଣ୍ଣ କରୁଣା ଓ ଦୟା ଥାଏ, ତାହା ହେଲେ ,ତୁମ୍ଭେମାନେ ଏକମନା , ଏକ ପ୍ରେମରେ ପ୍ରେମୀ, ଏକ ଚିତ୍ତ ଓ ଏକଭାବାପନ୍ନ ହୋଇ ମୋହର ଆନନ୍ଦ ପୂର୍ଣ୍ଣ କର । ସ୍ୱାର୍ଥପରତା ଅବା ଅସାର ଗର୍ବ ହେତୁ କିଛି କର ନାହିଁ, ବରଂ ନମ୍ର ଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣା ଠାରୁ ଶ୍ରେଷ୍ଠ ମନେ କର, ପ୍ରତ୍ୟେକ ଜଣ କେବଳ ଆପଣା ବିଷୟରେ ମନୋଯୋଗୀ ନ ହୋଇ ଅନ୍ୟ ବିଷୟରେ ମଧ୍ୟ ମନୋଯୋଗୀ ହୁଅ । ଖ୍ରୀଷ୍ଟଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେପରି ମନ ହେଉ । ସେ ଈଶ୍ୱରରୂପୀ ହେଲେ ହେଁ, ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ

ନାହିଁ,କିନ୍ତୁ ମନୁଷ୍ୟ ସଦୃଶ ହୋଇ, ଦାସ ରୂପ ଧାରଣ କରି ଆପଣାଙ୍କୁ ଶୂନ୍ୟ କଲେ ,ପୁଣି ମଣିଷଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହଁ, କୃଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବଶ୍ରେଷ୍ଠ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି , ଯେପରି ,ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ, ପୁଣି ପିତା ଈଶ୍ୱରଙ୍କର ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ । ) ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପୂନର୍ଜନ୍ମ ପ୍ରାପ୍ତ ହୋଇ, ପବିତ୍ର ଆତ୍ମାଙ୍କ ଫଳ ଓ ବରଦାନରେ ପରିପୂର୍ଣ୍ଣ ହୋଇ, ପବିତ୍ର ଆତ୍ମାଙ୍କ ଅଭିଶେକରେ ,ଯୀଶୁଙ୍କର ଅନୁଗମନ କରୁ କରୁ ସ୍ୱର୍ଗ ରାଜ୍ୟର ସୁସମାଚାର ପ୍ରଚାର କାର୍ଯ୍ୟରେ ଆପଣା ଆପଣାକୁ ଈଶ୍ୱରଙ୍କ ବଳବନ୍ତ ହସ୍ତରେ ସମର୍ପଣ କରିବା ଉଚିତ୍ ତଥା ସଦାସର୍ବଦା ସେବାକାର୍ଯ୍ୟରେ ସେ ଆମ୍ଭମାନଙ୍କୁ ବ୍ୟବହାର କରିବା ନିମନ୍ତେ ତାହାଙ୍କଠାରେ ପ୍ରାର୍ଥନା କରିବା ଦରକାର । ମାଥିଉ 18:11ଓ ଲୁକ 19:10ରେ ଲେଖାଅଛି, ( କାରଣ ଯାହା ହଜିଅଛି.ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି ।) ଏହି ବାକ୍ୟ ଅନୁସାରେ,ହଜା ଆତ୍ମା ଗୁଡ଼ିକୁ ଆମ୍ଭମାନଙ୍କ ଦ୍ୱାରା ଲାଭ କରିବା ପାଇଁ, ଈଶ୍ୱର ତାହାଙ୍କ ସେବାକାର୍ଯ୍ୟରେ ଆମ୍ଭମାନଙ୍କୁ ବ୍ୟବହାର କରିବା ନିମନ୍ତେ ତାହାଙ୍କଠାରେ ନିବେଦନ କରିବା ଉଚିତ୍ । ଲୁକ 15 ପର୍ବରେ ଆମ୍ଭମାନଙ୍କର ପ୍ରଭୁଯୀଶୁ ଖ୍ରୀଷ୍ଟ ଆପଣା ଉପଦେଶରେ ହଜିଯାଇଥିବା ମେଣ୍ଢା, ହଜିଯାଇଥିବା ଟଂକା ପୁଣି ହଜିଯାଇଥିବା ପୁଅର ଦୃଷ୍ଟାନ୍ତ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଯେ ଈଶ୍ୱରଙ୍କ ନିକଟରେ ବହୁମୂଲ୍ୟ ଓ ଜଣ ଜଣ କରି ସମସ୍ତଙ୍କୁ ପାପରୁ ରକ୍ଷା କରିବା ନିମନ୍ତେ ଯେ ସେ କୃଶରେ ଆପଣା ପ୍ରାଣ ଦାନ କରିଛନ୍ତି ବୋଲି ଆମ୍ଭମାନଙ୍କୁ ବୁଝଉଅଛନ୍ତି, ଅତଏବ ଆମ୍ଭେମାନେ ମଧ୍ୟ ତାଙ୍କର ସେବାକାର୍ଯ୍ୟରେ ସେ ଆମ୍ଭମାନଙ୍କୁ ତାହାଙ୍କ ଇଛାଅନୁସାରେ ବ୍ୟବହାର କରିବା ନିମନ୍ତେ ଆପଣା ଆପଣାକୁ ତାହାଙ୍କ ହସ୍ତରେ ସମର୍ପଣ କରିବା ଦରକାର । ସେ ଯେପରି ଆପଣା ଜୀବନରେ ପ୍ରେରଣକର୍ତ୍ତା ପିତାଙ୍କର ଇଛା ପୂରଣ ହେବା ନିମନ୍ତେ ପିତାଙ୍କ ନିକଟରେ ପ୍ରାର୍ଥନା କରିଥିଲେ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଆପଣା ଆପଣା ଜୀବନରେ ଓ ସେବାକାର୍ଯ୍ୟରେ ପିତା ଓ ପୁତ୍ରଙ୍କର ଇଛା ପୂରଣ ହେବା



ନିମନ୍ତେ ପିତାଙ୍କ ନିକଟରେ ନିବେଦନ କରିବା ଆବଶ୍ୟକ । ସମସ୍ତେ ଯେପରି ଖ୍ରୀଷ୍ଟଙ୍କ ସୁସମାଚାର ଦ୍ୱାରା ପରିତ୍ରାଣ ଓ ସତ୍ୟ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହୁଅନ୍ତି, ଏହା ସ୍ୱର୍ଗସ୍ଥ ପିତାଙ୍କର ଇଛା ଅଟେ । ( 1ତୀମଥି 2:4 ) । ଆମ୍ଭେମାନଙ୍କର ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟ ଯେପରି ଆପଣାର ଗୌରବ ଅନ୍ୱେଷଣ ନ କରି ଆପଣା ପ୍ରେରଣକର୍ତ୍ତଙ୍କର ଗୌରବ ଅନ୍ୱେଷଣ କଲେ ,ଆମ୍ଭେମାନେ ମଧ୍ୟ ତାହାଙ୍କର ଅନୁଗମନ କରି , ଆପଣା ଗୌରବ ଅନ୍ୱେଷଣ ନ କରି ପିତା ଓ ପୁତ୍ରଙ୍କର ଗୌରବ ଅନ୍ୱେଷଣ କରିବା ଉଚିତ୍ । (ଯୋହନ 7:18 ପଢ଼ନ୍ତୁ) । ମାଥିଉ ଛଅ ପର୍ବ ପ୍ରଥମ ପଦରେ ଲେଖାଅଛି, ( ଯୀଶୁ କହନ୍ତି, ଲୋକ ଦେଖାଇବା ପାଇଁ ସେମାନଙ୍କ ସାକ୍ଷାତରେ ଯେପରି ଧର୍ମକର୍ମ ନ କର ,ଏଥିପାଇଁ ତୁମ୍ଭେମାନେ ସାବଧାନ ହୋଇଥାଅ, ନୋହିଲେ ସୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ନିକଟରେ ତୁମ୍ଭମାନଙ୍କର ପୁରସ୍କାର ନାହିଁ । ) ମାଥିଉ 6:5-6 ରେ ଲେଖାଅଛି,( ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରି ହୁଅ ନାହିଁ, କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜଗୃହ ଓ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଆନ୍ତି, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରଷ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରିରେ ପ୍ରବେଶ କର ,ପୁଣି ତୁମ୍ଭର ଦ୍ୱାର ରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର ,ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମକୁ ଫଳ ଦେବେ । ) ଆମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କର ବ୍ୟବସ୍ଥାରେ ଆମୋଦ କରି ଦିବାରାତ୍ର ତାହାଙ୍କର ବ୍ୟବସ୍ଥା( ବାଇବଲ) ଧ୍ୟାନ କରି ସମସ୍ତ ପ୍ରକାର ଆଶିର୍ବାଦ ଆକର ହେବା ପାଇଁ, ପ୍ରାର୍ଥନା ସହ ଚେଷ୍ଟା କରିବା ଉଚିତ୍ ଓ ଅନ୍ୟ ମାନଙ୍କୁ ମଧ୍ୟ ସେ ପ୍ରକାର ଶିକ୍ଷା ଦେବା ଆବଶ୍ୟକ । ଲୁକ ଆଠ ପର୍ବ ପ୍ରଥମ ପଦରେ ଲେଖାଅଛି, (ଏଥିର ଅଳ୍ପ ସମୟ ପରେ ସେ ଆପେ ନଗରେ ନଗରେ ଓ ଗ୍ରାମେ ଗ୍ରାମେ ଘୋଷଣା କରି ଈଶ୍ୱରଙ୍କ ରାଜ୍ୟର ସୁସମାଚାର କରି ଭ୍ରମଣ କରିବାକୁ ଲାଗିଲେ, ଆଉ ଦ୍ୱାଦଶ ତାହାଙ୍କ ସଂଗରେ ଥିଲେ) । ଆମ୍ଭେମାନେ ମଧ୍ୟ ତାହାଙ୍କର ଅନୁଗମନ କରି ସେ ପ୍ରକାର କରିବା ଆବଶ୍ୟକ । ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁଯୀଶୁ ଖ୍ରୀଷ୍ଟ ଯେପରି ଆମ୍ଭମାନଙ୍କୁ ପ୍ରେମ କଲେ, ଆମ୍ଭେମାନେ ମଧ୍ୟ ପରସ୍ପରକୁ ପ୍ରେମ କରିବା ଉଚିତ୍, କାରଣ ଲେଖାଅଛି, ( ତୁମ୍ଭେମାନେ

ପରସ୍ପର ପ୍ରେମ କର, ଏହି ନୂତନ ଆଜ୍ଞା ମୁଁ ତୁମ୍ଭମାନଙ୍କୁ ଦେଉଅଛି,ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଅଛି, ତୁମ୍ଭେମାନେ ମଧ୍ୟ ସେହିପରି ପରସ୍ପରକୁ ପ୍ରେମ କର ) । ( ଯୋହନ 13:34 ,ଯୋହନ 15:12 ) ।( ଖ୍ରୀଷ୍ଟ ଯେପରି ତୁମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସୁଗନ୍ଧି ନୈବେଦ୍ୟ ଓ ବଳି ସ୍ୱରୂପେ ଆପଣାକୁ ଉତ୍ସର୍ଗ କଲେ, ସେହିପରି ପ୍ରେମରେ ଆଚରଣ କର) ।(ଏଫିସୀୟ 5:2) । (ହେ ବତ୍ସଗଣ ଆସ, ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରୁ ) ।1(ଯୋହନ 3:18 ) ( ସେ ଯେପରି ଆମ୍ଭମାନଙ୍କୁ କ୍ଷମା କଲେ ,ଆମ୍ଭେମାନେ ମଧ୍ୟ ସେପରି ପରସ୍ପରକୁ କ୍ଷମା କରିବା ଉଚିତ୍ । ( ଏଫିସୀୟ 4:32, କଲସୀୟ 3:13 ) , ପୁଣି ସେ ଯେପରି ଆମ୍ଭମାନଙ୍କୁ ଗ୍ରହଣ କଲେ, ଆମ୍ଭମାନେ ମଧ୍ୟ ସେପରି ପରସ୍ପରକୁ ଗ୍ରହଣ କରିବା ଉଚିତ୍ । କାରଣ ଲେଖାଅଛି, ( ଅତଏବ ଈଶ୍ୱରଙ୍କ ଗୌରବ ନିମନ୍ତେ ଖ୍ରୀଷ୍ଟ ଯେପରି ତୁମ୍ଭମାନଙ୍କୁ ଗ୍ରହଣ କଲେ, ତୁମ୍ଭେମାନେ ସେପରି ପରସ୍ପରକୁ ଗ୍ରହଣ କର ) । ( ରୋମୀୟ ପନ୍ଦର ପର୍ବ ସାତ ପଦ ) । ଉପରୋକ୍ତ ବାକ୍ୟାଂଶ ଗୁଡ଼ିକୁ ପାଳନ କରି ,ସାକ୍ଷ୍ୟର ସହିତ ଯୀଶୁଙ୍କର ଅନୁଗମନ କରି ତାଙ୍କର ସେବାକାର୍ଯ୍ୟ କରିବା ଉଚିତ୍ । ପ୍ରେରିତ ମାନଙ୍କୁ ପବିତ୍ର ଆତ୍ମାଙ୍କର ଅଭିଶେକରେ ଓ ବରଦାନରେ ପୂର୍ଣ୍ଣ କରି ଜଗତରେ ଆପଣା ଜୀବନ୍ତ ବାକ୍ୟର ବିସ୍ତାର ପାଇଁ ଆମ୍ଭମାନଙ୍କର ସଦାପ୍ରଭୁ ପିତା ପରମେଶ୍ୱର ସେମାନଙ୍କୁ ବ୍ୟବବାର କରିଥିବାର ବିଷୟ ଆମ୍ଭେମାନେ ପ୍ରେରିତ ମାନଙ୍କ କାର୍ଯ୍ୟର ବିବରଣ ପୁସ୍ତକରେ ପଢୁଅଛୁ । ଯେପରି ପ୍ରେରିତ 5:42 ରେ ଲେଖାଅଛି, ( ଆଉ, ସେମାନେ ପ୍ରତିଦିନ ମନ୍ଦିରରେ ଓ ଘରେ ଘରେ ଶିକ୍ଷା ଦେବାକୁ ଓ ଯୀଶୁ ଯେ ଖ୍ରୀଷ୍ଟ, ଏହି ସୁସମାଚାର ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ । ) ଯେପରି ଆମ୍ଭମାନଙ୍କର ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟ ଓ ପ୍ରେରିତ ମାନେ ମନ ପରିବର୍ତ୍ତନ କର କାରଣ ସ୍ୱର୍ଗ ରାଜ୍ୟ ସନ୍ନିକଟ, ସୁସମାଚାରରେ ବିଶ୍ୱାସ କର ବୋଲି ପ୍ରଚାର କଲେ, ଆମ୍ଭେମାନେ ମଧ୍ୟ ଠିକ୍ ସେହିପରି ଯୀଶୁଙ୍କର ଅନୁଗମନ କରି ସୁସମାଚାରର ସେବାକାର୍ଯ୍ୟ ସାଧନ କରିବା ଉଚିତ୍, ଯେଉଁ ପବିତ୍ର ଆତ୍ମା ଆପଣା ଶକ୍ତି ଓ ଅଭିଷେକରେ ପ୍ରଭୁଯୀଶୁ ଖ୍ରୀଷ୍ଟ ଓ ପ୍ରେରିତ ମାନଙ୍କୁ ବ୍ୟବହାର କଲେ, ସେ ଆମ୍ଭମାନଙ୍କୁ ମଧ୍ୟ ନିଶ୍ଚୟ ବ୍ୟବହାର କରିବେ । ପ୍ରେରିତ 2:47ରେ ଲେଖାଅଛି, ( ପୁଣି ପ୍ରଭୁ ପରିତ୍ରାଣ ପ୍ରାପ୍ତ



ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ । ) ପୁଣି ପ୍ରେରିତ 6:7 ରେ ଲେଖାଅଛି, ( ଏଥିଉତ୍ତାରେ ଈଶ୍ୱରଙ୍କର ବାକ୍ୟ ଅଧିକ ବ୍ୟାପିଗଲା ଏବଂ ଯେରୁଶାଲମରେ ଶିଷ୍ୟମାନଙ୍କ ସଂଖ୍ୟା ଅତିଶୟ ବୃଦ୍ଧି ପାଇବାକୁ ଲାଗିଲା, ଆଉ ଯାଜକମାନଙ୍କ ମଧ୍ୟରୁ ଅନେକ ଅନେକ ଲୋକ ବିଶ୍ୱାସମାର୍ଗ ଅବଲମ୍ବନ କରିବାକୁ ଲାଗିଲେ । ) ପୁଣି ପ୍ରେରିତ 12:24ରେ ଉଲ୍ଲେଖ ଅଛି, ( କିନ୍ତୁ ଈଶ୍ୱରଙ୍କର ବାକ୍ୟ ବୃଦ୍ଧି ପାଇ ଅଧିକ ବ୍ୟାପିବାକୁ ଲାଗିଲା । ) ପ୍ରେରିତ 19:20ରେ ଆମ୍ଭେମାନେ ପଢୁଛେ, ଲେଖାଅଛି, ( ଏହି ପ୍ରକାରେ ପ୍ରଭୁଙ୍କର ବାକ୍ୟ ପରାକ୍ରମରେ ବୃଦ୍ଧି ପାଇବାକୁ ଓ ଜୟଯୁକ୍ତ ହେବାକୁ ଲାଗିଲା । ) ପ୍ରଭୁଙ୍କର ବାକ୍ୟ ଜୀବନ୍ତ ଓ କାର୍ଯ୍ୟ ସାଧକ । ପ୍ରଭୁ ଆପଣା ସେବକ ମାନଙ୍କ ଦ୍ୱାରା ଆପଣା ବାକ୍ୟ ପରାକ୍ରମରେ ବୃଦ୍ଧି କରୁଅଛନ୍ତି ଓ ଜୟଯୁକ୍ତ ହେବାକୁ ଦେଉ ଅଛନ୍ତି । ଆସନ୍ତୁ 1କରିନ୍ଥୀୟ 3:5-9, ପଢ଼ିବା, ଲେଖାଅଛି, ( ଆପଲ୍ଲ କିଏ ? ପାଉଲ କିଏ ? ସେମାନେ ତ ସେବକ ମାତ୍ର, ଯେଉଁ ମାନଙ୍କ ଦ୍ୱାରା ,ପ୍ରଭୁ ପ୍ରତ୍ୟେକଙ୍କୁ ପ୍ରଭୁ ଯେପରି ଦେଇଅଛନ୍ତି, ତଦନୁସାରେ ତୁମ୍ଭେମାନେ ବିଶ୍ୱାସ କରିଅଛ । ମୁଁ ରୋପଣ କରିଅଛି, ଆପଲ୍ଲ ଜଳ ସେଚନ କରିଅଛି, କିନ୍ତୁ ଈଶ୍ୱର ବୃଦ୍ଧି ସାଧନ କରି ଅଛନ୍ତି । ଅତଏବ ଯେ ରୋପଣ କରେ, କିମ୍ବା ଯେ ଜଳ ସେଚନ କରେ , ସେ କିଛି ନୁହେଁ, ମାତ୍ର ବୃଦ୍ଧି ସାଧନ କରନ୍ତି ଯେ ଈଶ୍ୱର ସେ ସାର । ଯେ ରୋପଣ କରେ ଓ ଯେ ଜଳ ସେଚନ କରେ, ସେ ଦୁହେଁ ଏକ , କିନ୍ତୁ ପ୍ରତ୍ୟେକ ଜଣ ଆପଣା ଆପଣା ପରିଶ୍ରମ ଅନୁସାରେ ପୁରସ୍କାର ପାଇବ । କାରଣ ଆମ୍ଭେମାନେ ଈଶ୍ୱରଙ୍କର ସହକର୍ମୀ, ତୁମ୍ଭେମାନେ ଈଶ୍ୱରଙ୍କ କ୍ଷେତ୍ର , ଈଶ୍ୱରଙ୍କ ଗୃହ । ) ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କ ଦ୍ୱାରା ଆପଣା ଜୀବନ୍ତ ବାକ୍ୟ ସାରା ପୃଥିବୀରେ ପରାକ୍ରମରେ ବୃଦ୍ଧି କରିବା ପାଇଁ ଓ ତାହାଙ୍କର ବାକ୍ୟ ଜୟଯୁକ୍ତ ହେବା ପାଇଁ,ଆମ୍ଭମାନଙ୍କୁ ବ୍ୟବହାର କରିବା ନିମନ୍ତେ ,ଆସନ୍ତୁ,ତାହାଙ୍କଠାରେ ନତ ମସ୍ତକ ହୋଇ ପ୍ରାର୍ଥନା କରିବା । ସ୍ତୁତି, ପ୍ରଶଂସା, ରାଜ୍ୟ ପରାକ୍ରମ ଓ ଗୌରବ ଯୁଗେ ଯୁଗେ ସନ୍ୟାଧିପତି ସଦାପ୍ରଭୁଙ୍କର । ଆମେନ୍ ।

ଆପଣଙ୍କ ପ୍ରଶ୍ନ,ସନ୍ଦେହ କିମ୍ବା ପରାମର୍ଶ

ନିମନ୍ତେ ଦୟାକରି ଯୋଗାଯୋଗ କରନ୍ତୁ:


**-91-9445614044,**

**91-9444959658,**

**044-27430044**

**E-Mail ID:**

**deepakgnmindia@gmail.com**